## ଆଜି କ'ଣ କେଉଁଠି

**ବଅଁରପାଳ**

■ରଥଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା
ସ୍ଥାନ- ନାଲ୍‌କୋନଗର
ସମୟ- ସନ୍ଧ୍ୟା ୭ଟା।

## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧା ମୃତ

ଅନୁଗୋଳ ଅଫିସ, ୩।୭- ଅନୁଗୋଳ ପୁରୁଣାକୋଟ ଥାନା ଅନ୍ତୁଳିଆରେ ସାପ କାମୁଡ଼ାରେ ଜଣେ ବୃଦ୍ଧା କଇଁତା ଦଳବେହେରା(୮୯)ଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି। କଇଁତା ବୁଧବାର ସକାଳେ ଘର କବାଟ ଖୋଲୁଥିବା ବେଳେ ଫାଙ୍କରେ ଥିବା ଏକ ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚୋରି ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ, ୩।୭- ହାକିମପଡ଼ାରୁ ମୋବାଇଲ ଚୋରି ଅଭିଯୋଗରେ ଅନୁଗୋଳ ପୋଲିସ ଉକ୍ତ ଅଞ୍ଚଳର ଅଭିଜିତ ବେହେରା(୧୮)ଙ୍କୁ ନଂ. ୪୯୧/୧୯ ମାମଲାରେ ଗିରଫ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ହାକିମପଡ଼ାର ସୁଜିତ ସାହୁଙ୍କ ଘରୁ ଦୁଇଟି ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଅନୁଗୋଳ ଥାନାରେ ବୁଧବାର ମାମଲା ହେବା ପରେ ପୋଲିସ ତନାଘନା କରି ଅଭିଜିତଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

■ମାଉସୀ ଘର ଯିବେ ମହାପ୍ରଭୁ

# ପଥ ଚାହିଁଛି ୩ ରଥ



ଶୈଳଶ୍ରୀକ୍ଷେତ୍ର ମନ୍ଦିର ସମ୍ମୁଖରେ ପ୍ରସ୍ତୁତ ଥିବା ୩ ରଥ।

**ଅନୁଗୋଳ ଅଫିସ, ୩।୭**

ରଥରେ ଚଢ଼ି ମାଉସୀ ଘର ଯିବେ ମହାପ୍ରଭୁ। ଏଥିପାଇଁ ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆଉ ମାତ୍ର କେଇ ଘଣ୍ଟା ପରେ ଟାହିଆ ହଲାଇ ପହଣ୍ଡିରେ ଆସି ରଥାରୂଢ଼ ହେବେ ଚତୁର୍ଦ୍ଧାମୂର୍ତ୍ତି। ଏହାପରେ ଠାକୁରଙ୍କ ପଥକୁ ଚାହିଁ ରହିଥିବା ୩ ରଥ ଗଡ଼ିବ ବଡ଼ଦାଣ୍ଡରେ।

କାଳିଆ ଠାକୁରଙ୍କ ଏହି ନବଦିନାତ୍ମକ ଯାତ୍ରା ପାଇଁ ଅନୁଗୋଳ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମନ୍ଦିର ସମ୍ମୁଖରେ ରଥକୁ ପ୍ରସ୍ତୁତ କରି ରଖାଯାଇଛି। ଗୁରୁବାର ସକାଳେ ଶ୍ରୀଜୀଉମାନଙ୍କ ବିଭିନ୍ନ ନୀତି ହେବା ପରେ ପହଣ୍ଡି ଆରମ୍ଭ ହେବ। ଭୋର ସାଢ଼େ ୩ଟାରୁ ଦ୍ୱାର ଫିଟା ସହ ମଙ୍ଗଳ ଆରତି କରାଯିବ। ଏହାପରେ ୪ଟାରେ ସେନାପଟା ଲାଗି ସହ ଅବକାଶ ନୀତି ଓ ରୋଷ ହୋମ ହେବ। ୫ଟା ୩୦ରେ ବେଶ ଲାଗି, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗରୁଡ଼ ପୂଜା, ବାଳ ଧୂପ ଓ ଖେଚୁଡ଼ି ଧୂପ କରାଯିବ। ସାଢ଼େ ୭ଟାରେ ବଡ଼ଦାଣ୍ଡରେ ରଥ ପ୍ରତିଷ୍ଠା ଓ ତାରମାଳ ଲାଗି କରାଯିବ। ୮ଟାରେ ମଙ୍ଗଳାର୍ପଣ ପରେ ୯ଟାରେ ପହଣ୍ଡି ଆରମ୍ଭ ହେବ। ପୂର୍ବାହ୍ନ ୧୧ଟାରେ ମଦନମୋହନ ରଥ ଉପରକୁ ବିଜେ କରିବେ। ଏହାପରେ ମନ୍ଦିର ପରିଚାଳନା କମିଟି ସଭାପତି ତଥା ଜିଲାପାଳ ମନୋଜ କୁମାର ମହାନ୍ତି ଓ ଉପସଭାପତି ତଥା ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ନିମନ୍ତ୍ରଣ କରାଯିବ। ମଧ୍ୟାହ୍ନ ୧୨ଟାରେ ତିନି ରଥରେ ଛେରାପହଁରା ଓ ଅପରାହ୍ନ ୧ଟାରେ ଘୋଡ଼ା, ସାରଥି ସଂଯୋଜନ, ଚାରମାଳ ଉଲାଗି ପରେ ରଥ ଦୌଡ଼ି ବନ୍ଧାଯିବ। ଅପରାହ୍ନ ୩ଟାରେ ରଥ ଟଣା ଆରମ୍ଭ ହେବ। ସନ୍ଧ୍ୟା ସାଢ଼େ ୬ଟାରେ ୩ ରଥକୁ ମାଉସୀମା ମନ୍ଦିର ରଥ ଖଳାରେ ପ୍ରବେଶ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ମନ୍ଦିର ପରିଚାଳନା କମିଟି ସମ୍ପାଦକ ହେମନ୍ତ କୁମାର ଦାସ ସୂଚନା ଦେଇଛନ୍ତି। ଖଳାରେ ରଥ ରହିବା ପରେ ଭକ୍ତଙ୍କୁ ଶ୍ରୀଜୀଉମାନେ ଦର୍ଶନ ଦେବେ। ଶୈଳଶ୍ରୀକ୍ଷେତ୍ରରୁ ମାଉସୀମା ମନ୍ଦିରକୁ ଯିବା ରାସ୍ତାରେ ଅନୁଗୋଳ କୋର୍ଟ ଓ ଥାନା ନିକଟରେ ରଥାରୂଢ଼ ଠାକୁରଙ୍କୁ ଶୁଖିଲା ଭୋଗ ଲାଗି କରାଯିବାର ବ୍ୟବସ୍ଥା ରହିଛି। ତାଳଧ୍ୱଜ ରଥ ଦାୟିତ୍ୱରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ନନ୍ଦିଘୋଷ ରଥ ଦାୟିତ୍ୱରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଓ ଦର୍ପଦଳନ ରଥ ଦାୟିତ୍ୱରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ହାଁସଦାଙ୍କୁ ରଖାଯାଇଛି।

■ପୂର୍ବାହ୍ନ ୯ଟାରେ ହେବ ପହଣ୍ଡି
■ମଧ୍ୟାହ୍ନ ୧୨ଟାରେ ଛେରାପହଁରା
■ଅପରାହ୍ନ ୩ଟାରେ ରଥଟଣା ଆରମ୍ଭ

■ମହାନଦୀ ଜଳ ବିବାଦର ଚାହାନ୍ତି ସମାଧାନ

# ପ୍ରଧାନମନ୍ତ୍ରୀଙ୍କୁ ଦାବି ଜଣାଇବାକୁ କଟକରୁ ସାଇକେଲ ଯାତ୍ରା



ଦିଲ୍ଲୀ ଅଭିମୁଖେ ସାଇକେଲ୍‌ରେ ବାହାରିଥିବା ଦୁଇ ଛାତ୍ର।

**ଅନୁଗୋଳ ଅଫିସ,୩।୭**

ମହାନଦୀ ଜଳ ବିବାଦର ସମାଧାନ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେବା ଲକ୍ଷ୍ୟରେ ଦୁଇ ଛାତ୍ର କଟକ ମାହାଙ୍ଗା ଅଞ୍ଚଳର କ୍ରିଷ୍ଣାକାନ୍ତ ଷଡ଼ଙ୍ଗୀ ଓ କେନ୍ଦୁଝର ଆନନ୍ଦପୁରର ଶୁଭ୍ରଜିତ ବାରିକ କଟକରୁ ସାଇକେଲ୍‌ରେ ଦିଲ୍ଲୀ ଅଭିମୁଖେ ବାହାରିଛନ୍ତି। ଗତ ୧ ତାରିଖରୁ ଯାତ୍ରା ଆରମ୍ଭ କରିଥିବା ଏହି ଦୁଇ ଛାତ୍ର ବୁଧବାର ଅନୁଗୋଳ ଜିଲା ବଇଣ୍ଡାଠାରେ ପହଞ୍ଚି ରାତ୍ରିଯାପନ କରିଛନ୍ତି। ଅଗଷ୍ଟ ୪ ତାରିଖ ମଧ୍ୟରେ ଦୁହେଁ ୧୬ଶହ କିମି ରାସ୍ତା ଅତିକ୍ରମ କରି ଦିଲ୍ଲୀରେ ପହଞ୍ଚି ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦେବାକୁ ସ୍ଥିର କରିଥିବା ପ୍ରକାଶ କରିଛନ୍ତି।

ନିଜର ଏହି ଯାତ୍ରା ସମ୍ପର୍କରେ ବିଟେକ ଛାତ୍ର କ୍ରିଷ୍ଣାକାନ୍ତ ଓ ସ୍ନାତକ ଛାତ୍ର ଶୁଭ୍ରଜିତ କହିଛନ୍ତି ଯେ, ଓଡ଼ିଶାର ଜୀବନ ରେଖା ମହାନଦୀକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ସମାଧାନ ହୋଇପାରୁ ନାହିଁ। ଏହି ଆନ୍ତଃରାଜ୍ୟ ମାମଲା ଏବେ ଟ୍ରିବ୍ୟୁନାଲ୍‌ରେ ବିଚାରାଧୀନ ରହିଛି। ଏଣେ ମହାନଦୀରେ ଜଳପ୍ରବାହ ଦ୍ରୁତଗତିରେ ହ୍ରାସ ପାଉଥିବାରୁ ଏହାକୁ ନେଇ ଓଡ଼ିଶାବାସୀଙ୍କ ମଧ୍ୟରେ ଉଦ୍‌ବେଗ ବଢ଼ିବାରେ ଲାଗିଛି। ମହାନଦୀ ସହ କୋଟି କୋଟି ଲୋକଙ୍କ ଜୀବନ ଜୀବିକା ଜଡ଼ିତ ଥିବାରୁ ଏହି ବିବାଦର ସମାଧାନ ଶୀଘ୍ର ହେଉ ବୋଲି ଓଡ଼ିଶାବାସୀ ଚାହାନ୍ତି। ହେଲେ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ସରକାର ଯେପରି ତ୍ୱରିତ ପଦକ୍ଷେପ ନେବା କଥା ତାହା ନେଇ ନ ଥିବା ବେଳେ କେନ୍ଦ୍ର ସରକାର ଧୃତରାଷ୍ଟ୍ରଙ୍କ ପରି କାର୍ଯ୍ୟ କଲା ଭଳି ଅନୁଭବ ହେଉଛି। ତେଣୁ ଏ ନେଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସେମାନେ ସାଇକେଲରେ ଦିଲ୍ଲୀ ଅଭିମୁଖେ ବାହାରିଛନ୍ତି। ସେମାନଙ୍କ ଏପରି ଉଦ୍ୟମକୁ ବିଭିନ୍ନ ସ୍ଥାନରେ ବିପୁଳ ସମର୍ଥନ ମିଳୁଛି। ଅନୁଗୋଳରେ ମଧ୍ୟ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି ବୋଲି କ୍ରିଷ୍ଣାକାନ୍ତ ଓ ଶୁଭ୍ରଜିତ୍ ପ୍ରକାଶ କରିଛନ୍ତି।

■ଅଗଷ୍ଟ ୪ ସୁଦ୍ଧା ପହଞ୍ଚିବେ ଦିଲ୍ଲୀରେ
■ଅତିକ୍ରମ କରିବେ ୧୬ଶହ କି.ମି.
■ବିଭିନ୍ନ ସ୍ଥାନରେ ୨ ଛାତ୍ରଙ୍କୁ ବିପୁଳ ସ୍ୱାଗତ

■ଜେଏସ୍‌ପିଏଲ୍‌ର ସର୍ବକାଳୀନ ରେକର୍ଡ

# ଦିନକରେ ୧୦,୮୪୫ ମେଟ୍ରିକ ଟନ୍ ଗରମ ମେଟାଲ ଉତ୍ପାଦନ



**ଅନୁଗୋଳ ଅଫିସ, ୩।୭**

ଅନୁଗୋଳ ସ୍ଥିତ ଜେଏସ୍‌ପିଏଲ୍ ପ୍ଲାଣ୍ଟ ବ୍ଲାଷ୍ଟ ଫର୍ନେସରୁ ଜୁଲାଇ ୨ରେ ୧୦,୮୪୫ ମେଟ୍ରିକ ଟନ୍ ଗରମ ମେଟାଲ ଉତ୍ପାଦନ ହୋଇଛି, ଯାହା ସର୍ବକାଳୀନ ରେକର୍ଡ। ଭାରତର କୌଣସି ପ୍ଲାଣ୍ଟରୁ ଗୋଟିଏ ଦିନରେ ଏତେ ପରିମାଣର ହଟ୍ ମେଟାଲ କେବେ ଉତ୍ପାଦିତ ହୋଇ ନ ଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

ଅନୁଗୋଳ ସ୍ଥିତ ଏହି ବ୍ଲାଷ୍ଟ ଫର୍ନେସ ସ୍ଥିରତାର ସହ କାର୍ଯ୍ୟ କରି ଏକ ସପ୍ତାହ ଧରି ଦୈନିକ ୧୦ ହଜାର ମେଟ୍ରିକ ଟନ୍ ହଟ୍ ମେଟାଲ ଉତ୍ପାଦନ କରିଛି। ୪,୫୫୪ ଘନ ମିଟର କ୍ଷମତା ବିଶିଷ୍ଟ ଏହି ବ୍ଲାଷ୍ଟ ଫର୍ନେସରୁ ଷ୍ଟିଲ ମେଲଟିଙ୍ଗ ସପ୍‌ର ଚାହିଦା ମୁତାବକ ବାର୍ଷିକ ୬ ନିୟୁତ ଟନ୍ ହଟ୍ ମେଟାଲ ଯୋଗାଇ ପାରୁଛି। ଜେଏସ୍‌ପିଏଲର ବାର୍ଷିକ ୬ ନିୟୁତ ଟନ୍ ଉତ୍ପାଦନ କ୍ଷମତାର ଏହି ସମନ୍ୱିତ ଷ୍ଟିଲ ପ୍ଲାଣ୍ଟ ଅତି ଅତ୍ୟାଧୁନିକ କାରିଗରି କୌଶଳରେ ତିଆରି ହୋଇଥିବାବେଳେ ଓଡ଼ିଶାର ସର୍ବ ବୃହତ୍ ପ୍ଲାଣ୍ଟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଓପି ଜିନ୍ଦଲ ଗ୍ରୁପ୍‌ର ଏକ ମୁଖ୍ୟ ଅଂଶୀଦାର ଭାବେ ଜେଏସ୍‌ପିଏଲ୍ ଷ୍ଟିଲ, ଶକ୍ତି ଉତ୍ପାଦନ, ଖଣି ଭଳି ଭିତ୍ତିଭୂମି ନିର୍ମାଣ ତଥା ଔଦ୍ୟୋଗିକ ବିକାଶ କ୍ଷେତ୍ରରେ କ୍ରମାଗତ ଭାବେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ଚାଲିଛି। ସମ୍ପ୍ରତି ଜେଏସ୍‌ପିଏଲ୍ ବାଣିଜ୍ୟିକ କାରବାର କ୍ଷେତ୍ରରେ ଓଡ଼ିଶାର ସୀମା ଟପି ଛତିଶଗଡ଼, ଝାଡ଼ଖଣ୍ଡରେ ମଧ୍ୟ ଷ୍ଟିଲ ଏବଂ ଉର୍ଜା ଉତ୍ପାଦନରେ ନିଜ ପାରଦର୍ଶିତାର ଛାପ ଛାଡ଼ି ପାରିଛି। ଭାରତ ଇତିହାସରେ କମ୍ପାନୀ ଏକ ମାଇଲ ଖୁଣ୍ଟ ଭାବେ ଉଭା ହୋଇଛି ବୋଲି କମ୍ପାନୀ ଏକ ପ୍ରେସ୍ ବିବୃତିରେ ଦର୍ଶାଇଛି।

# ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ଅନୁଗୋଳ ଅଫିସ, ୩।୭**

ଅନୁଗୋଳ ଥାନା ବାଲୁଅକଟାରେ ବୁଧବାର ବିଦ୍ୟୁତ୍ ଆଘାତରେ ଗୁଞ୍ଜି ସାହୁ(୪୦)ଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବରପାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଗୁଞ୍ଜି ପାଣି ଉଠାଇବା ପାଇଁ ମୋଟର ସୁଇଚ ମାରିବା ବେଳେ ବିଦ୍ୟୁତ୍ ଆଘାତ ପାଇଥିଲେ। ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।





























## ସଂକ୍ଷେପରେ

### ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୩।୭(ଡି.ଏନ.ଏ.)-ହଣ୍ଡପା ଥାନା ଧୁଣ୍ଡି ଗ୍ରାମର ରଞ୍ଜନ ପ୍ରଧାନଙ୍କୁ ସେହିଗ୍ରାମର ପ୍ରହ୍ଲାଦ ବିଶ୍ୱାଳ ଏକ ଠେଙ୍ଗାରେ ମଙ୍ଗଳବାର ଆକ୍ରମଣ କରିଥିବା ବୁଧବାର ରଞ୍ଜନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ନଂ. ୧୧୧/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ କହିଛି, ରଞ୍ଜନ ସେହି ଗ୍ରାମର ଜୟା ସେଠୀଙ୍କ ଘରକୁ ଯାଉଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ପ୍ରହ୍ଲାଦ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦାବି



ବଅଁରପାଳ, ୩।୭(ଡି.ଏନ.ଏ.): ବଅଁରପାଳ ବ୍ଲକ ନାଲକୋ ଏଫ୍‌ସିଆଇ ଛକଠାରେ ଥିବା ବସ୍‌ଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଦାବି ହୋଇଛି। ଅନୁଗୋଳ, ଢେଙ୍କାନାଳ, ତାଳଚେର, ପାଲଲହଡ଼ା, ହିନ୍ଦୋଳ, ରାଉରକେଲା, ନରସିଂହପୁର ସମେତ କୁଲାଡ଼, ନାଲ୍‌କୋ, ମୁଣ୍ଡା ହଟିଂ, ଗିରାଙ୍ଗ, ବଳରାମ ପ୍ରସାଦ ଅମାନ୍ତପୁର ଆଦି ଅଞ୍ଚଳର ଲୋକେ ଏହି ବସ୍‌ଷ୍ଟାଣ୍ଡ ଉପରେ ନିର୍ଭର କରୁଥିଲେ ହେଁ ସେଠାରେ ବିଶ୍ରାମାଗାର ନ ଥିବାରୁ ଅସୁବିଧା ଉପୁଜୁଛି। ଖରା, ବର୍ଷାରେ ସେଠାରେ ବସ୍‌କୁ ଅପେକ୍ଷା କରିବା କଷ୍ଟକର ହେଉଛି। ଏଥିସହ ଷ୍ଟାଣ୍ଡରେ ପରିସ୍ରାଗାର ମଧ ନ ଥିବାରୁ ଯାତ୍ରୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏହି ବସ୍‌ଷ୍ଟାଣ୍ଡ ଥିଲେ ମଧ ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଠାରେ ଏକ ବିଶ୍ରାମାଗାର ନିର୍ମାଣ କରାଯିବାକୁ ଦାବି ହୋଇଛି।

### ଆଶାକର୍ମୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ଛେଣ୍ଡିପଦା, ୩।୭(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟକ୍ରମ ଅଧିକାରୀ (ବିପିଏମ) ଅଜିତ କୁମାର ସାହୁଙ୍କ ବଦଳି ବାତିଲ ଦାବି କରି ସୋମବାରଠାରୁ ଆଶାକର୍ମୀମାନେ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ବୁଧବାର ଛେଣ୍ଡିପଦା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ଓ ଅନୁଗୋଳ ଡିପିଏମ ବିଶ୍ୱରଞ୍ଜନ ରଥ ଆଶା କର୍ମୀଙ୍କ ସହ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି। ୩ ଦିନ ଧରି ଏହି ଆନ୍ଦୋଳନ ଚାଲିଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନ ଥିବା ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଡିପିଏମ୍ ଓ ଥାନା ଅଧିକାରୀ ସେଠାରେ ପହଞ୍ଚିଥିଲେ। ଆନ୍ଦୋଳନ ପ୍ରତ୍ୟାହୃତ ପରେ କାର୍ଯ୍ୟାଳୟ ଖୋଲାଯାଇଥିବା ବର୍ତ୍ତମାନର ବିପିଏମ ସଞ୍ଜୟ କୁମାର ବେହେରା କହିଛନ୍ତି।

### କଲେଜ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ



ବଅଁରପାଳ, ୩।୭(ଡି.ଏନ.ଏ.)- ବଅଁରପାଳ ପଞ୍ଚଗଡ ସୋମନାଥ ସିଂ ଜଗଦ୍ଦେବ ଜୁନିୟର କଲେଜର ନୂତନ ଅଧକ୍ଷ ଭାବେ ଗବେଷକ ତଥା କଲେଜର ଓଡ଼ିଆ ଅଧାପକ ଡ. ପ୍ରଶାନ୍ତ ରଞ୍ଜନ ସିହ୍ନା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଅଧକ୍ଷ ବିପିନ ବିହାରୀ ବରାହଙ୍କଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। କଲେଜର ବିକାଶ ମୂଳକ କାର୍ଯ୍ୟ ପ୍ରତି ଧାନ ଦେବେ ବୋଲି ନୂତନ ଅଧକ୍ଷ କହିଛନ୍ତି।

### ବଧୂହତ୍ୟା ଅଭିଯୋଗ, ୨ ଗିରଫ

ତିହିଡ଼ି, ୩।୭ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡି ଥାନା କୋହ୍ଲ ଗ୍ରାମର ରୁନି ନାୟକଙ୍କୁ ଯୌତୁକ ପାଇଁ ମଙ୍ଗଳବାର ରାତିରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତିହିଡ଼ି ପୋଲିସ ମାମଲା(ନଂ.୨୯୨/୧୯) ରୁଜୁ କରି ମୃତା ରୁନିଙ୍କ ସ୍ୱାମୀ ମନୋଜ ମହାଲିକ ଏବଂ ଶ୍ୱଶୁର ବାବୁରାମ ମହାଲିକଙ୍କୁ ବୁଧବାର ଗିରଫ କରିଛି।

■ବର୍ଷାକାଳୀନ ପନିପରିବା ଚାଷ ସମ୍ବନ୍ଧୀୟ ତାଲିମ ଶିବିର

# ରୋଗ ପ୍ରତିଷେଧକ ସମ୍ପର୍କରେ ଜାଣିଲେ ଚାଷୀ



ତାଲିମ ଶିବିରରେ ଚାଷୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି।

ବଇଣ୍ଡା,୩।୭(ଡି.ଏନ.ଏ.)

କିଶୋରନଗର ବ୍ଲକ ବଣିନାଳୀ ବିଶ୍ୱ ଯୁବକେନ୍ଦ୍ର ପରିସରରେ ବୁଧବାର ଚାଷୀମାନଙ୍କୁ ନେଇ ଏକ ଦିନିକିଆ ବର୍ଷାକାଳୀନ ପନିପରିବା ଚାଷ ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଯୁବକେନ୍ଦ୍ର ସଭାପତି ଡ. ନନ୍ଦ କିଶୋର ମହାଖୁଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତାଲିମ ଶିବିରରେ ଅତିଥି ଭାବେ ଜିଲା ବିକାଶ ମ୍ୟାନେଜର ଶରତ କୁମାର ବେହେରା, ଉଦ୍ୟାନ ବିଭାଗର ସରକାରୀ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଖୁଣ୍ଟିଆ, ସହକାରୀ କୃଷି ଅଧିକାରୀ ଅର୍ଜୁନ କୁମାର ନାୟକ, ଇକୋ ବ୍ୟାଙ୍କର ମ୍ୟାନେଜର ମହେଶ୍ୱର ଗୌଡ଼ ଯୋଗ ଦେଇଥିଲେ। ଏଥିରେ ବର୍ଷାକାଳୀନ ପନିପରିବା ଚାଷ, ରୋଗ ପ୍ରତିରୋଧକ ଔଷଧ, ରୋଗପୋକ ନିରାକରଣ, ଲୋକଙ୍କ ଦ୍ୱାରା ପ୍ରସ୍ତୁତି ସାର ପ୍ରଣାଳୀର ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ସହଜରେ କିଭଳିରେ କୃଷିଋଣ ସହ ସରକାରୀ ସାହାଯ୍ୟ ପାଇବେ ସେ ସମ୍ପର୍କରେ ଚାଷୀମାନଙ୍କୁ ସୂଚନା ଦିଆଯାଇଥିଲା। ଏଥିରେ ୧୮୪ ଜଣ ଚାଷୀଙ୍କୁ ପନିପରିବା ଚାଷ ସମ୍ବନ୍ଧରେ ତାଲିମ ଦିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୪୩ ଜଣଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ନମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ହଣ୍ଡପା, ଚାକୁଣ୍ଡାମୁଣ୍ଡା, କଣ୍ଟେଇକୁଳିଆ, ଅଁଳାବେରେଣୀ,ଲୁହାମୁଣ୍ଡା, ମଧୁପୁର, ପାର୍ବତୀପୁର, ଗୋଳାସର ଆଦି ଗ୍ରାମର ଚାଷୀମାନେ ଅଂଶଗ୍ରହଣ କରିଥିଲେ।

## ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ଜଳେଶ୍ୱର, ୩।୭(ଡି.ଏନ.ଏ.)

ଗୋଇନ୍ଦା ସୂଚନାକୁ ଆଧାର କରି ବୁଧବାର ପୂର୍ବାହ୍ନ ୯ଟା ସମୟରେ ବାଲେଶ୍ୱର ଅବକାରୀ ବିଭାଗ ଜଳେଶ୍ୱର ରେଳ ଷ୍ଟେଶନ ନିକଟ ଝାଡ଼େଶ୍ୱରପୁର ରାସ୍ତାରେ ଚଢାଉ କରି ଜଣେ ବେପାରୀଙ୍କଠାରୁ ପ୍ରାୟ ଦେଢ଼ଲକ୍ଷ ଟଙ୍କାର ୧୩ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଏହି ବେପାରୀ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ତେଲେଙ୍ଗାପଡ଼ା ଗ୍ରାମର ପି. ସନ୍ତୋଷ (୨୫)। ସେ ଝାଡ଼େଶ୍ୱରପୁର ଅଞ୍ଚଳର ଜଣେ ବେପାରୀଙ୍କଠାରୁ ବ୍ରାଉନ୍‌ସୁଗାର କିଣି ଭଦ୍ରକକୁ ଯିବା ଲାଗି ରେଳ ଷ୍ଟେଶନକୁ ଆସୁଥିବାବେଳେ ଅବକାରୀ ବିଭାଗ ହାତରେ ଧରାପଡିଥିଲେ।

ଜଳେଶ୍ୱର ଅବକାରୀ ଥାନା ଓଆଇସି ହରପ୍ରସାଦ ରଣା ସଦଳବଳ ଚଢାଉ କରି ଅଭିଯୁକ୍ତ ପି. ସନ୍ତୋଷଙ୍କୁ ଗିରଫ କରିଥିଲେ। ତାଙ୍କ ନିକଟରୁ ମିଳିଥିବା ବ୍ରାଉନସୁଗାରକୁ ଜବତ କରାଯାଇ ଏନ୍‌ଡ଼ିପିଏସ୍ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ. ୩୩/୧୯-୨୦) ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ପରେ ବାଲେଶ୍ୱରସ୍ଥିତ ସ୍ୱତନ୍ତ୍ର ଦୌରାଜଜ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଛି।

## କିଡ୍‌ନୀ ରୋଗ ସମ୍ପର୍କରେ ସଚେତନତା




ତାଳଚେର,୩।୭(ନି.ପ୍ର.)

କଣିହାଁ ସ୍ଥିତ ଏନ୍‌ଟିପିସି ପକ୍ଷରୁ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏନ୍‌ଟିପିସି କଣିହାଁ ହସ୍‌ପିଟାଲ ପରିସରରେ ଡାକ୍ତରମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ସେହିପରି ସ୍ଥାନୀୟ ରିକ୍ରିଏସନ କ୍ଲବଠାରେ କିଡ୍‌ନୀ ରୋଗ ସମ୍ପର୍କରେ ସଚେତନତା ଭିତ୍ତିକ ପରାମର୍ଶ ପ୍ରଦାନ କରାଯାଇଥିଲା। ଏଥିରେ କିଡ୍‌ନୀ ରୋଗ ବିଶେଷଜ୍ଞ ଡା. ବି.ଏନ୍. ପଣ୍ଡା ଯୋଗ ଦେଇଥିଲେ। ଏହି ଦିବସକୁ ସ୍ମରଣୀୟ କରିବାକୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଥିଲା। ଏହି ଅବସରରେ ଏନ୍‌ଟିପିସି କଣିହାଁ ମେଡିକାଲ କର୍ମଚାରୀମାନଙ୍କ ପକ୍ଷରୁ ତମାଖୁ ନିବାରଣ ଉପରେ ଏକ ନାଟକ ପରିବେଷଣ କରାଯାଇ ଲୋକଙ୍କୁ ତମାଖୁ ବର୍ଜନ ଉପରେ ସଚେତନ କରାଯାଇଥିଲା।

# ସେବା, ତ୍ୟାଗ, ମାନବିକତା ଗୋପବନ୍ଧୁଙ୍କ ପରିଚୟ

ଅନୁଗୋଳ ଅଫିସ, ୩।୭

ଅନୁଗୋଳ ବାଜି ରାଉତ ଛାତ୍ରବାସର ଶାନ୍ତି କୁଟିରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ବାଜି ରାଉତ ଛାତ୍ରାବାସ ସଭାପତି ତଥା ସାମାଜିକ କର୍ମୀ କୃଷ୍ଣା ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ଛାତ୍ରାବାସ ସମ୍ପାଦକ ଭାବଗ୍ରାହୀ ନାୟକ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଗୋପବନ୍ଧୁଙ୍କ କବିତା ବନ୍ଦୀର ଆତ୍ମକଥାରେ ତାଙ୍କର ନିଛକ ଦେଶପ୍ରେମ ବାରି ହୋଇପଡୁଥିବା ବେଳେ ସେବା, ତ୍ୟାଗ, ମାନବିକତା ତାଙ୍କର ସ୍ୱତନ୍ତ୍ର ପରିଚୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ପ୍ରୀତିନନ୍ଦା ଓ ଲିପିକା ମହାପାତ୍ର ଗୋପବନ୍ଧୁଙ୍କ ସ୍ମୃତି ଚାରଣ କରିଥିଲେ। ଛାତ୍ରାବାସର ଅନ୍ତେବାସୀମାନେ ସଫେଇ କାର୍ଯ୍ୟକ୍ରମ ଓ ଶାନ୍ତି ପାଠରେ ଭାଗ ନେଇଥିଲେ। ଏହି ଅବସରରେ ଆୟୋଜିତ କୁଇଜ କାର୍ଯ୍ୟକ୍ରମରେ ସୌମ୍ୟ, କହ୍ନେଇ, ସ୍ୱପ୍ନା, ଶ୍ରଦ୍ଧାଞ୍ଜଳି, ରାଜନାରାୟଣ, ଶିବାନୀ, ଲଳିତା, ନର୍ମଦା ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ୱରସ୍ୱତୀ ସ୍ୱାଇଁ, କୈଳାସ ଚନ୍ଦ୍ର ସାହୁ, ଶଙ୍କର୍ଷଣ ବେହେରା, କ୍ଷୀରୋଦ ମହାରଣା, ମାମାଲି ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଲକ୍ଷ୍ମୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ୩ ଅଭିଯୁକ୍ତ କୋର୍ଟଚାଲାଣ

ତାଳଚେର, ୩।୭(ନି.ପ୍ର.)

ଚୋରି ଅଭିଯୋଗରେ ଟାଇଁପାଳ ଫାଣ୍ଡି ପୋଲିସ ବୁଧବାର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଧର୍ମେନ୍ଦ୍ର ବେହେରା, ବିଜୁ ପଲେଇ ଓ ଚଗଲା ପ୍ରଧାନ। ଟିଟିପିଏସ୍‌ର ୩ଆର/୫୪ ନମ୍ବର କ୍ୱାର୍ଟର୍ସରେ ରହୁଥିବା ସତ୍ୟବ୍ରତ ଦାସ ଛୁଟିରେ ଘରକୁ ଯାଇଥିବା ବେଳେ ସମ୍ପୃକ୍ତ ୩ ଅଭିଯୁକ୍ତ ମଙ୍ଗଳବାର ତାଙ୍କ ଘରେ ପଶି ଲାପଟପ, ଇଣ୍ଡକସନ ଓ ସାଉଣ୍ଡ ସିଷ୍ଟମ ନେଇ ପଳାଇ ଥିଲେ। ଅଭିଯୋଗ ପାଇବା ପରେ ପୋଲିସ ନମ୍ବର ୨୦୦/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ସମସ୍ତ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି।

# ୨୨୮ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ବଇଣ୍ଡା,୩।୭(ଡି.ଏନ.ଏ.)

କିଶୋରନଗର ବ୍ଲକ ଫୁଲାମ୍ବା ଅନୁସୂଚିତ ଜାତି ଓ ଜନଜାତି ହାଇସ୍କୁଲର ଛାତ୍ରୀ ଓ ଛାତ୍ରାବାସରେ ମଙ୍ଗଳବାର ୨୨୮ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସ୍ୱାସ୍ଥ୍ୟବିଭାଗର ଏକ ଟିମ୍ ବିଦ୍ୟାଳୟକୁ ଯାଇ ସେଠାରେ ସମସ୍ତ ଛାତ୍ରୀଛାତ୍ରଙ୍କ ମ୍ୟାଲେରିଆ ଓ ଅନ୍ୟାନ ଜ୍ୱର ପରୀକ୍ଷା କରିଥିଲେ। ଏଥିସହିତ ସେମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡ. ସୁବ୍ରତ ସାହୁ ସମସ୍ତଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିବାବେଳେ ହଣ୍ଡପା ଫାର୍ମାସିଷ୍ଟ ନରେଶ ଚନ୍ଦ୍ର ମିଶ୍ର, ଅଙ୍ଗପଡ଼ା ଫାର୍ମାସିଷ୍ଟ ପ୍ରଭାତ ଦାସ, ପ୍ରଧାନ ଶିକ୍ଷକ ପ୍ରେମରଞ୍ଜନ ଶତପଥୀ, ସୁରେଶ ଚନ୍ଦ୍ର ଦ୍ୱିବେଦୀ, ରଶ୍ମିରଞ୍ଜିତା ମିଶ୍ର ଦମୟନ୍ତୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଫୁଲଝରୀରେ ଝାଡାବାନ୍ତି



ଛେଣ୍ଡିପଦା, ୩।୭(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୁକରପେଟା ପଞ୍ଚାୟତ ଫୁଲଝରୀ ଗ୍ରାମରେ ଝାଡାବାନ୍ତି ବ୍ୟାପିଛି। ବୁଧବାର ଗ୍ରାମର ୫ ଜଣ ଚାରୁଲତା ବାଘ(୫୦), ଯାଜ୍ଞସେନୀ ବାଘ(୫), ଜୁଲି ବାଘ(୨୭), ଠେଙ୍ଗୁ ବାଘ(୭୦) ଓ ନରେଶ ବାଘ(୩୬) ଆକ୍ରାନ୍ତ ହୋଇ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ବର୍ଷା ଋତୁ ଯୋଗୁ ଗ୍ରାମରେ ଥିବା କୂଅ ପାଣି ପଶି ଦୂଷିତ ହୋଇଛି। ଏହି ପାଣି ପିଇ ଲୋକେ ଝାଡାବାନ୍ତିରେ ପଡିଥିବା ଡାକ୍ତର ଧୀରେନ କୁମାର ପ୍ରଧାନ ପ୍ରକାଶ କରିଛନ୍ତି। କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ଗ୍ରାମରେ ପହଞ୍ଚି ଅନ୍ୟ ଲୋକଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିବା ସହିତ ଗ୍ରାମରେ ଥିବା କୂଅ ଓ ନଳକୂଅରେ ବ୍ଲିଚିଂ ପକାଇଛନ୍ତି। ଏଥିସହ ବିଶୁଦ୍ଧ ପାନୀୟ ଜଳ ପିଇବାକୁ ପରାମର୍ଶ ଦିଆଯାଇଛି।

## କୁଶଭଦ୍ରା ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଗୋପ,୩।୭(ଡି.ଏନ୍.ଏ.)

କୁଶଭଦ୍ରା ନଦୀରେ ବୁଡ଼ି ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋପ ଥାନା ଅଧୀନ ବେଦପୁର ପଞ୍ଚାୟତ ବାଲିସାହି ଗ୍ରାମର କାଶୀନାଥ ବେହେରା(୬୦)। କାଶୀନାଥ ସବୁଦିନ ପରି ମଇଁଷି ଚରାଇବା ଲାଗି ବଳରାମ ଗାଦିସ୍ଥିତ କୁଶଭଦ୍ରା ନଦୀ ପାର ହୋଇ ଯାଉଥିଲେ। ଏହି ସମୟରେ ଅସାବଧାନତା ବଶତଃ ସେ ନଦୀ ପାଣିରେ ବୁଡ଼ି ଯାଇଥିଲେ। ଅଗ୍ନିଶମ କର୍ମଚାରୀ କାଶୀନାଥଙ୍କୁ ଉଦ୍ଧାର କରିବା ପରେ ତାଙ୍କୁ ଗୋପ ଡ଼ାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

# ଉପବାଚସ୍ପତିଙ୍କୁ ଅନୁଗୋଳରେ ସମ୍ବର୍ଦ୍ଧନା

ଅନୁଗୋଳ ଅଫିସ୍, ୩।୭

ଅନୁଗୋଳ ଅଦ୍ୱୈତ ସ୍ମୃତି ପରିଷଦ ପକ୍ଷରୁ ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂଙ୍କୁ ବୁଧବାର ସ୍ୱାଗତ କରାଯାଇଛି। ଅନୁଗୋଳ ହାଟ ଛକଠାରୁ ଏକ ବାଇକ୍ ରାଲି କରାଯିବା ପରେ ପୌରାଞ୍ଚଳ ଟାଉନ ହଲ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଓକିଲ ପରମାନନ୍ଦ ମିଶ୍ର ସଭାପତିତ୍ୱ କରିଥିବାବେଳେ ବୃନ୍ଦାବନ ସ୍ୱାଇଁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ୬୪ଟି ଅନୁଷ୍ଠାନ, ୧୦ଟି ସ୍ୱୟଂ ସେବିକା ସଂଘର ସଦସ୍ୟା ସଦସ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସୁବାସ ଚନ୍ଦ୍ର ସାହୁ, ସରୋଜ ପାଣିଗ୍ରାହୀ, ପ୍ରସନ୍ନ କୁମାର ବେହେରା, ନାଲକୋ ଅଫିସର ଆସୋସିଏଶନର ସଭାପତି ପ୍ରମୁଖ ଉପବାଚସ୍ପତିଙ୍କୁ ସ୍ୱାଗତ ଜଣାଇଥିଲେ। ଶେଷରେ ନୂଆକରି ଗଢା ହୋଇଥିବା ପରିଷଦର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ବୃନ୍ଦାବନ ସ୍ୱାଇଁ ଆଲୋଚନା କରିଥିଲେ।




ଉପବାଚସ୍ପତି ରଜନୀକାନ୍ତ ସିଂଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ୨୫୦ ଚାରା ରୋପଣ



ତାଳଚେର, ୩।୭(ନି.ପ୍ର.)

ତାଳଚେର ବନ ବିଭାଗ ପକ୍ଷରୁ ବୁଧବାର ହରିହରପୁର ବନ ସୁରକ୍ଷା ସମିତି ଠାରେ ବନମହୋତ୍ସବ ପାଳିତ ହୋଇଯାଇଛି। ଡିଏଫଓ ଭି. କାର୍ତ୍ତିକ, ଏସିଏଫ ବାସୁଦେବ ନାୟକ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ ନିମନ୍ତେ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। ହରିହରପୁର ସରପଞ୍ଚ ବିଜୟ କୁମାର ପ୍ରଧାନ, ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ, ବନସୁରକ୍ଷା ସମିତି ସଦସ୍ୟ, ଛାତ୍ରୀଛାତ୍ର ମିଳିତ ଭାବେ ୨୫୦ ଚାରା ରୋପଣ କରିଥିଲେ। ତାଳଚେର ରେଞ୍ଜର ରତନ କୁମାର ଶତପଥୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଫଟୋରେ ଖବର



ଅନୁଗୋଳ ରାଜକିଶୋରପଡାସ୍ଥିତ ଶନି ମନ୍ଦିର ବାର୍ଷିକ ଉତ୍ସବ ପାଇଁ ମହିଳାମାନେ କଳସ ଯାତ୍ରାରେ ଯାଉଛନ୍ତି।

## ସଂକ୍ଷେପରେ

### ଜିଲାପାଳ ଦାୟିତ୍ୱ ନେଲେ ଭୂମେଶ



**ଢେଙ୍କାନାଳ ଅଫିସ, ୩।୭**
ଢେଙ୍କାନାଳର ନୂତନ ଜିଲାପାଳ ଭାବେ ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଭୂମେଶ ଚନ୍ଦ୍ର ବେହେରା। ଏଥିପୂର୍ବରୁ ସେ ସୁନ୍ଦରଗଡ଼ ଜିଲା ପିଡି ଡିଆର୍‌ଡିଏ ଦାୟିତ୍ୱରେ ଥିଲେ। ଭୂମେଶ ହେଉଛନ୍ତି ଢେଙ୍କାନାଳର ୪୫ତମ ଜିଲାପାଳ। ଏସ୍‌ପି ଅନୁପମା ଜେମ୍ସ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡି ଡିଆରଡିଏ ନରୋତ୍ତମ ବେହେରା, ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ ନାୟକ, ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ପଞ୍ଚାୟତ ଅଧିକାରୀ ବୀରେନ୍ଦ୍ର କୁମାର ହୋତାଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ, ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଜିଲାପାଳ ନିଜ ପ୍ରତିକ୍ରିୟାରେ କୁହନ୍ତି, ଜିଲାର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା। ସରକାରୀ କର୍ମଚାରୀ, ଜନସାଧାରଣ ଏ ଦିଗରେ ମିଳିତ ଭାବେ ଆଗେଇ ଆସିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ଶ୍ରୀଗୁଣ୍ଡିଚା ରଥଯାତ୍ରା ଉପଲକ୍ଷେ ନୂତନ ଜିଲାପାଳ ଜିଲାବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲାପାଳ ଥିବା ନିଖିଲ ପୱନ କଲ୍ୟାଣଙ୍କ ସୁନ୍ଦରଗଡ଼ ଜିଲାପାଳ ଭାବେ ବଦଳି ହୋଇଛି।

**ବେସରକାରୀ ଆଶ୍ରମ ସ୍କୁଲରେ ଛାତ୍ର ମୃତ ଘଟଣା**

### ପ୍ରଧାନ ଶିକ୍ଷୟିତ୍ରୀ, ସ୍କୁଲ କମିଟି ଅଧ୍ୟକ୍ଷଙ୍କ ନାମରେ ଏତଲା

**ପରଜଙ୍ଗ, ୩।୭(ଡି.ଏନ.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଗଡ଼ପଲାଶୁଣୀ ପଞ୍ଚାୟତ ଇରିଙ୍ଗାଝରଣରେ ବେଆଇନ ଭାବେ ପରିଚାଳିତ 'ଲକ୍ଷ୍ମୀ ନାରାୟଣ ଆଶ୍ରମ ବିଦ୍ୟାଳୟ' ଛାତ୍ରମୃତ୍ୟୁ ଘଟଣାରେ ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବୁଧବାର ବିଇଓ ହରିହର ଦେହୁରୀ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁବାଳା ମହାନ୍ତି, ସ୍କୁଲ କମିଟି ଚେୟାରମ୍ୟାନ ଶ୍ରୀକାନ୍ତ ବିଶ୍ୱାଳଙ୍କ ନାମରେ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସପ୍ତାହକ ମଧ୍ୟରେ ଉକ୍ତ ସ୍କୁଲକୁ ବନ୍ଦ କରାଯିବ। ସେଠାରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଅଭିଭାବକମାନେ ଅନ୍ୟତ୍ର ନାମ ଲେଖାଇବା ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଛନ୍ତି। 'ଲକ୍ଷ୍ମୀ ନାରାୟଣ ଆଶ୍ରମ ବିଦ୍ୟାଳୟ' ବନ୍ଦ କରିବାକୁ ୬ମାସ ତଳେ ଶିକ୍ଷା ବିଭାଗ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ତଥାପି ଏହାକୁ ଅବମାନନା କରି ସ୍କୁଲ କର୍ତ୍ତୃପକ୍ଷ ବିଭିନ୍ନ ସ୍ଥାନରୁ ପିଲାଙ୍କୁ ଆଣି ପଢ଼ାଉଛନ୍ତି। କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳର ଶମ୍ଭୁନାଥ ନାଏକ ନାମକ ଜଣେ ୩ୟ ଶ୍ରେଣୀ ଛାତ୍ରଙ୍କ ମଙ୍ଗଳବାର ମୃତ୍ୟୁ ଘଟିବା ପରେ ସ୍କୁଲର କଳାକାରନାମା ପଦାକୁ ଆସିଛି। ବୁଧବାର ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜିଲା ଶିକ୍ଷାଧିକାରୀଙ୍କ ପ୍ରତିନିଧି ସଦର ବିଇଓ ନିତ୍ୟାନନ୍ଦ ବାରିକ, କାମାକ୍ଷାନଗର ବିଇଓ ଅଜୟ କୁମାର ପାତ୍ର ଘଟଣାର ତଦନ୍ତ କରିଥିଲେ। ଏହାପରେ ଥାନାରେ ଏତଲା ଦିଆଯାଇଛି। ଏ ନେଇ ପରଜଙ୍ଗ ଥାନାଧିକାରୀ ଆନନ୍ଦ ଡୁଙ୍ଗ୍‌ଡୁଙ୍ଗ୍ କୁହନ୍ତି, ଅଭିଯୋଗ ପାଇଛୁ। ଘଟଣାର ତଦନ୍ତ କରାଯାଉଛି।

### ଚାକିରିରୁ ଶିକ୍ଷକ ବହିଷ୍କୃତ

**ସିମୁଳିଆ,୩।୭ (ଡି.ଏନ.ଏ.):** ମାଟ୍ରିକ୍ ସାର୍ଟିଫିକେଟ୍ ଜାଲିଆତି କରି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ରୁଡୁଙ୍ଗା ନୋଡ଼ାଲ ୟୁପି ସ୍କୁଲରେ ଶିକ୍ଷକତା କରୁଥିବା ଉତ୍ତମ କୁମାର ବେହେରାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ସେ ଗତ ୨୦୦୭ ଏପ୍ରିଲ ୨୪ରୁ ଶିକ୍ଷା ସହାୟକ ଭାବେ ନିଯୁକ୍ତ ହୋଇଥିଲେ। ଯାଞ୍ଚ ପରେ ତାଙ୍କ ସାର୍ଟିଫିକେଟ୍‌ରେ ଜାଲିଆତି ହୋଇଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ବିଇଓ ଗତ ଜୁନ୍ ୨୧ରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ପତ୍ର ସଂଖ୍ୟା ୧୧୨୪ରେ ତାଙ୍କୁ ବହିଷ୍କୃତ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

**ଆଜି ଢେଙ୍କାନାଳର ଐତିହ୍ୟସମ୍ପନ୍ନ ଘୋଷଯାତ୍ରା**

# ଭାଇଙ୍କୁ ଛାଡ଼ି ଜନ୍ମବେଦି ଯିବେ ମହାବାହୁ

**ଢେଙ୍କାନାଳ ଅଫିସ୍, ୩।୭**

ଭକ୍ତଙ୍କୁ ଦର୍ଶନ ଦେବାକୁ ରତ୍ନସିଂହାସନ ଛାଡ଼ି ରଥାରୂଢ଼ ହେବେ କଳାଠାକୁର। ରତ୍ନବେଦିରୁ ଯାଇ ଜନ୍ମବେଦିରେ କରିବେ ଲୀଳାଖେଳା। ରଥ, ପଥ, ଭକ୍ତ ସମସ୍ତେ ପ୍ରସ୍ତୁତ। ଅପେକ୍ଷା କେବଳ ମହାପ୍ରଭୁଙ୍କୁ। ନବଦିନାତ୍ମକ ଘୋଷଯାତ୍ରା ଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଆରମ୍ଭ ହୋଇଛି ଉତ୍କଣ୍ଠା।

ଢେଙ୍କାନାଳର ଐତିହ୍ୟସମ୍ପର୍ଣ୍ଣ ରଥଯାତ୍ରାରେ ଦେଖିବାକୁ ମିଳେ ଭିନ୍ନ ପରମ୍ପରା। ଏଠାରେ ଭାଇ ବଳରାମଙ୍କୁ ଛାଡ଼ି ମାଉସୀ ଘରକୁ ଏକୁଟିଆ ଯାଆନ୍ତି ଜଗନ୍ନାଥ। ଏହାର କାରଣ ପୌରାଣିକ ପରମ୍ପରା ସହିତ ଜଡ଼ିତ। ଦ୍ୱାପର ଯୁଗର ଠାକୁର ତଥା ଢେଙ୍କାନାଳବାସୀଙ୍କ ଆରାଧ୍ୟ ଦେବତା ପ୍ରଭୁ ବଳରାମ ହେଉଛନ୍ତି ପାଷାଣ ବିଗ୍ରହ। ତେଣୁ ସେ ରଥାରୂଢ଼ ହୁଅନ୍ତି ନାହିଁ। କେବଳ ଜଗନ୍ନାଥ ବଡ଼ ରଥରେ ବିଜେ କରି ଜନ୍ମବେଦିକୁ ଯାଇଥାନ୍ତି। ସେହିପରି ମହିଳାମାନେ ଟାଣୁଥିବା ସାନରଥରେ ରାଜନଅରରେ ପୂଜା ପାଉଥିବା ଠାକୁର ବିଜେ କରନ୍ତି।

ରଥଯାତ୍ରାକୁ ଶୃଙ୍ଖଳିତ କରିବାକୁ ଦେବୋତ୍ତର ବିଭାଗ ଏବଂ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଜପୁରୋଧା ପଞ୍ଚାନନ ମିଶ୍ରଙ୍କ ଦ୍ୱାରା ଏଥିପାଇଁ ନୀତିନିର୍ଘଣ୍ଟ ସ୍ଥିରୀକୃତ ହୋଇଛି। ପ୍ରାତଃରୁ ଠାକୁରଙ୍କ ପୂଜାର୍ଚ୍ଚନା ପରେ ପୂର୍ବାହ୍ନ ୧୦ଟାରେ ରାଜଦର୍ଶନ, ୧୦ଟା ୧୫ରେ ପହଣ୍ଡି ବିଜେ, ପୂର୍ବାହ୍ନ ୧୧ଟାରେ ଦଧିବାମନଜୀଉ ମଠରେ ଅଧରପଣା ଲାଗି, ସାଢେ ୧୧ଟାରେ ଦକ୍ଷିଣା ବନ୍ଦାପନା ଏବଂ ରଥ ପରିକ୍ରମା କରାଯିବ। ୧୨ଟା ୧୦ ସୁଦ୍ଧା ଠାକୁର ରଥାରୂଢ଼ ହେବେ। ୧୨ଟା ୧୫ରେ ରାଜା କାମାକ୍ଷାପ୍ରସାଦ ସିଂଦେଓ ଉପସ୍ଥିତ ରହି ଛେରାପହଁରା କରିବେ। ଦିନ ୧ଟା ୦୫ରେ ରାଜାଙ୍କ ଦ୍ୱାରା ପାରମ୍ପରିକ ରଥଟଣା ଯିବ। ଏହାପରେ ଅପରାହ୍ନ ୨ଟା ୨୫ରେ ଆନୁଷ୍ଠାନିକ ଭାବେ ସର୍ବସାଧାରଣ ରଥ ଟାଣିବେ। ସନ୍ଧ୍ୟା ୬ଟା ୨୪ ସୁଦ୍ଧା ରଥଟଣା କାର୍ଯ୍ୟ ଶେଷ ହେବାକୁ ନିଷ୍ପତ୍ତି ହୋଇଛି।

ଢେଙ୍କାନାଳର ୨ ରଥ ମଧ୍ୟରୁ ୧୨ ଚକବିଶିଷ୍ଟ ବଡ଼ରଥର ଉଚ୍ଚତା ୪୨ ଫୁଟ। ସେହିପରି ୮ ଚକବିଶିଷ୍ଟ ସାନରଥର ଉଚ୍ଚତା ୨୭ ଫୁଟ। ଚଳିତ ବର୍ଷ ରଥଯାତ୍ରାକୁ ଆକର୍ଷଣୀୟ କରିବାକୁ ପ୍ରଶାସନିକସ୍ତରରେ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ରଥଗଡ଼ାରେ ଶ୍ରୀଜୀଉଙ୍କ ପାଇଁ ୨ ରଥ ଅପେକ୍ଷାରେ ରହିଛି। ବୁଧବାର ୨ରଥରେ ନୂଆ ନେତ, କନା ଲାଗିଛି। ରଙ୍ଗ କାମ ଶେଷ ହୋଇଛି। ଗୁଣ୍ଡିଚା ମନ୍ଦିରରେ ମଧ୍ୟ ସାଜସଜ୍ଜା କରାଯାଇଛି। ମହାପ୍ରଭୁଙ୍କ ଦର୍ଶନ ଲାଗି ଶ୍ରଦ୍ଧାଳୁ ଅପେକ୍ଷା କରି ରହିଥିବାବେଳେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

ସେହିପରି କପିଳାସ ପାଦଦେଶରେ ଥିବା ଦେଓଗାଁରେ ଐତିହ୍ୟସମ୍ପନ୍ନ ରଥଯାତ୍ରା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଏଠାରେ ଭଉଣୀ ସୁଭଦ୍ରାଙ୍କୁ ଛାଡ଼ି ରଥାରୂଢ଼ ହୁଅନ୍ତି ମହାପ୍ରଭୁ ଜଗନ୍ନାଥ, ଭାଇ ବଳରାମ। ଘୋଷଯାତ୍ରା ପାଇଁ ସମସ୍ତ କାର୍ଯ୍ୟକ୍ରମ ଶେଷ ହୋଇଥିବା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ପ୍ରସାଦ ତ୍ରିପାଠୀ ସୂଚନା ଦେଇଛନ୍ତି।



ରଥ ଚକାକୁ ରଙ୍ଗ କରାଯାଉଛି।

**ମୁତୟନ ହେବେ ୪ ପ୍ଲାଟୁନ୍ ଫୋର୍ସ**

ଢେଙ୍କାନାଳ ରଥଯାତ୍ରାରେ ଆଇନଶୃଙ୍ଖଳା ରକ୍ଷା କରିବାକୁ ୪ ପ୍ଲାଟୁନ୍ ଓଏସ୍‌ଏପି ଫୋର୍ସ ମୁତୟନ କରାଯାଇଛି। ଏସ୍‌ପି ଅନୁପମା ଜେମ୍‌ସଙ୍କ ତତ୍ତ୍ୱାବଧାନରେ ଜଣେ ଅତିରିକ୍ତ ଏସ୍‌ପି, ୩ ଡିଏସ୍‌ପି, ୫ ଇନ୍ସପେକ୍ଟର, ୨୯ ଏସ୍‌ଆଇ, ଏଏସ୍‌ଆଇ, ୧୦ ହାବିଲଦାର, ୩୯ କନଷ୍ଟେବଳ, ୭ ଟ୍ରାଫିକ୍ କନଷ୍ଟେବଳ, ୧୦୮ ହୋମ୍‌ଗାର୍ଡ ଶୃଙ୍ଖଳା ଜଗିବେ। ସହରରେ ରଥଟଣା ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ କରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।

**ମଦ ଚାଲାଣବେଳେ ଗୋଡ଼ାଇଲେ ଅବକାରୀ କର୍ମଚାରୀ**

# ବ୍ରାହ୍ମଣୀକୁ ଡେଇଁ ଯୁବକ ମୃତ



ମଦ ଚାଲାଣରେ ବ୍ୟବହୃତ ଗାଡ଼ି।

**ପରଜଙ୍ଗ, ୩।୭(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ବାଇକ୍‌ରେ ମଦଚାଲାଣ କରୁଥିବାବେଳେ ଅବକାରୀ ବିଭାଗ କର୍ମଚାରୀଙ୍କ କବଳରୁ ବର୍ତ୍ତିବା ପାଇଁ ବ୍ରାହ୍ମଣୀ ନଦୀକୁ ଡେଇଁପଡ଼ିଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଆମ୍ବପଳାସ ଗ୍ରାମର ଶାନ୍ତନୁ ମହାପାତ୍ର।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଶାନ୍ତନୁ ବୁଧବାର ଭୋର୍ ସାଢେ ୫ଟା ବେଳେ ୫୩ନଂ. ଜାତୀୟ ରାଜପଥରେ ବାଇକ୍ (ଓଡ଼ି ୧୯ ଏଚ୍ ୧୭୮୩) ଯୋଗେ ମହୁଲି ମଦ ନେଇ ଆମ୍ବପଳାସରୁ ତାଳଚେର ଆଡ଼କୁ ଯାଉଥିଲେ। ଏହି ସମୟରେ ଏକ ବୋଲେରୋରେ ଅବକାରୀ ବିଭାଗ କର୍ମଚାରୀମାନେ ତାଙ୍କୁ ପିଛା କରିଥିଲେ। ଗିରଫ ଭୟରେ ସେ ବାଇକ୍‌କୁ ବ୍ରିଜ୍ ପାର୍ଶ୍ୱରେ ରଖିଦେଇ କିଛି ବାଟ ଦୌଡ଼ିଥିଲେ। ଅବକାରୀ ବିଭାଗ କର୍ମଚାରୀମାନେ ନିକଟତର ହୋଇଯିବାରୁ ସେ ନଦୀକୁ ଡେଇଁପଡ଼ିଥିଲେ। ପାଣି ପରିବର୍ତ୍ତେ ବାଲିରେ ପଡ଼ିବାରୁ ତାଙ୍କ ଆଭ୍ୟନ୍ତରୀଣ ଅଙ୍ଗରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ତାଳଚେର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଅବକାରୀ ବିଭାଗ କର୍ମଚାରୀମାନେ ପହଞ୍ଚିଥିଲେ ମଧ୍ୟ ସେଠାରୁ ପଳାଇ ଆସିଥିବା ଅଞ୍ଚଳବାସୀ କହିଛନ୍ତି।

ଅନ୍ୟପଟେ ଏହି ଘଟଣା ପାଇଁ ଅବକାରୀ ବିଭାଗକୁ ଦାୟୀ କରିଛନ୍ତି ଶାନ୍ତନୁଙ୍କ ଭାଇ ମୁନୁ ମହାପାତ୍ର। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ତାଳଚେର ଥାନାରେ ନଂ. ୧୬୦/୧୯ରେ ଏକ ମାମଲା ରୁଜୁ କରାଯାଇଛି।

ଅବକାରୀ ଏଏସ୍‌ଆଇ ବଟକୃଷ୍ଣ ରାଉଳ ମଦ ଚାଲାଣ କରାଯାଉଥିବା ବାଇକ୍‌କୁ ପିଛା କରୁଥିବା ସ୍ୱୀକାର କରିଛନ୍ତି। ହେଲେ ଯୁବକ ଜଣକ ନଦୀକୁ ଡେଇଁପଡ଼ିଥିବା ସମ୍ପର୍କରେ ଜାଣି ନ ଥିବା କହିଛନ୍ତି।

**୭୦ତମ ବନ ମହୋତ୍ସବ ପାଳିତ**

# 'ଗଛକୁ ଜୀବନ ଭାବି ସୁରକ୍ଷା ଦିଅ'

**ଢେଙ୍କାନାଳ ଅଫିସ, ୩।୭**

ମନୁଷ୍ୟକୃତ କାରଣରୁ ପରିବେଶ ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ସବୁଜ ଗ୍ରହର ସୁରକ୍ଷା ଏବେ ବିଶ୍ୱ ସମୁଦାୟର ଚିନ୍ତା ବଢ଼ାଇଛି। ଏଥିରୁ ମୁକୁଳିବାର ଏକମାତ୍ର ଉପାୟ ହେଉଛି ବ୍ୟାପକ ବନୀକରଣ। ଗଛର ଫୁଲ, ଫଳ, ପତ୍ର, ଚେର ମଣିଷ କାର୍ଯ୍ୟରେ ଲାଗେ। ତେଣୁ ଗଛକୁ ଜୀବନ ଭାବି ଏହାକୁ ସୁରକ୍ଷା ଦେବା ଆବଶ୍ୟକ ବୋଲି କହିଛନ୍ତି ଢେଙ୍କାନାଳ ଡିଏଫ୍‌ଓ ସୁଦର୍ଶନ ପାତ୍ର। ସ୍ଥାନୀୟ ସରକାରୀ ପଲିଟେକନିକ୍ ସମ୍ମିଳନୀ କକ୍ଷରେ ବୁଧବାର ୭୦ତମ ଜିଲାସ୍ତରୀୟ ବନ ମହୋତ୍ସବ ପାଳନ ଅବସରରେ ସେ ଏପରି ବକ୍ତବ୍ୟ ରଖିଛନ୍ତି।

ପରିବେଶ କ୍ଲବ୍ ସମୂହର ମାଷ୍ଟର ଟ୍ରେନର୍ ତଥା ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ ମୁଖ୍ୟବକ୍ତା ଭାବେ ଆଲୋଚନାରେ ଭାଗନେଇ କହିଲେ, ବୃକ୍ଷରାଜି ପ୍ରକୃତିଦତ୍ତ ଶୀତଳିକରଣ ଯନ୍ତ୍ର। ଜଳ ସଂରକ୍ଷଣ, ବୃଷ୍ଟିପାତ, ଅମ୍ଳଜାନ ବୃଦ୍ଧିରେ ଗଛଲତା ସହାୟକ ହୋଇଥାଏ। ଜନସଂଖ୍ୟା ବୃଦ୍ଧି ଦ୍ୱାରା ଜଙ୍ଗଲ ଧ୍ୱଂସ ପାଇବାରେ ଲାଗିଛି। ଏ ଦିଗରେ ସାରା ବିଶ୍ୱବାସୀଙ୍କୁ ସଚେତନ କରାଇବାକୁ ୧୯୫୦ରୁ ବନ ମହୋତ୍ସବ ପାଳିତ ହୋଇ ଆସୁଛି ବୋଲି ସେ ସୂଚନା ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ପଲିଟେକ୍‌ନିକ୍ ଅଧ୍ୟକ୍ଷ ଦୁର୍ଗାଚରଣ ବେହେରା, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିଜୟ କୁମାର ଦାଶ, ସିଏଏସ୍‌ଆଇଆର ଭୁବନେଶ୍ୱରର ରିସର୍ଚ୍ଚ ସ୍କଲାର ରାଜେଶ ଭଞ୍ଜ, ଆଲୋକ କୁମାର ନାୟକ, ରୋଜାଲିନ ଦେବତା, ଉପାସନା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବ୍ରଜନାଥ ବଡ଼ଜେନା ହାଇସ୍କୁଲ, ଦିଲ୍ଲୀ ପବ୍ଲିକ୍ ସ୍କୁଲ୍, ସିନର୍ଜି, ମଣ୍ଟଫର୍ଟ ସ୍କୁଲ, ସରସ୍ୱତୀ ଶିଶୁମନ୍ଦିର, ମୁକ୍ତାଦେଈପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। ମାଷ୍ଟର ଟ୍ରେନର ଦେବରାଜ ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ପଲିଟେକ୍‌ନିକ୍‌ର ଅଧ୍ୟାପିକା ଗୀତାଞ୍ଜଳି ସେଠୀ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଆନୁଷ୍ଠାନିକ ଭାବେ ନଡିଆ ଭାଙ୍ଗି ଚାରା ରୋପଣ କରିଥିଲେ।



ରୋପଣ କରାଯାଇଥିବା ଚାରାରେ ଅତିଥି ପାଣି ସିଞ୍ଚନ କରୁଛନ୍ତି।

### ବାଳାଶ୍ରମରୁ ଲୁଚି ପଳାଇ ଆସିଥିବା ନାବାଳକ ଉଦ୍ଧାର

**ବାଲିଆପାଳ,୩।୭(ସ୍ୱ.ପ୍ର):** ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ ମାଗୁଣି ଚରଣ ବାଳାଶ୍ରମରୁ ଲୁଚି ପଳାଇ ଆସିଥିବା ଜଣେ ନାବାଳକଙ୍କୁ ବୁଧବାର ବାଲିଆପାଳ ଚାଇଲ୍ଡଲାଇନ କର୍ମକର୍ତ୍ତା ଉଦ୍ଧାର କରିଛନ୍ତି। ନାବାଳକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସିଡବ୍ଲ୍ୟୁସିରେ ହାଜର କରାଯାଇଛି। ବାଳାଶ୍ରମରେ ଅନ୍ତେବାସୀଙ୍କ ରହିବା , ଖାଇବା ଦାୟିତ୍ୱ ଠିକ୍ ଭାବେ ନିଆଯାଉ ନ ଥିବାରୁ ସେ ଲୁଚି ପଳାଇ ଆସିଥିବା ଚାଇଲ୍ଡଲାଇନର ଅଧିକାରୀଙ୍କୁ ଜଣାଇଛନ୍ତି। ନାବାଳକ ଜଣକ ୫ବର୍ଷ ହେବ ସେଠାରେ ରହି ଆସୁଥିଲେ। ବୁଧବାର ଭୋରରେ ସମସ୍ତଙ୍କ ଅଜାଣତରେ ସେ ବାଳାଶ୍ରମରୁ ବାହାରି ଆସି ଏକ ବସ୍ ଧରି ଜାମୁଶୁଳୀ କଲେଜ ଛକରେ ଓହ୍ଲାଇଥିଲେ। ସେଠାରୁ ଚାଲିଚାଲି ଆସି ଦେଭୋଗ ଛକରେ ପହଞ୍ଚିଥିଲା। ଭୋକ ଲାଗିବାରୁ ସେଠାରେ ସେ ଇତସ୍ତତଃ ହୋଇ ବୁଲାବୁଲି କରୁଥିବା ଦେଖି ସ୍ଥାନୀୟ ଲୋକେ ଚାଇଲ୍ଡ ଲାଇନକୁ ଫୋନ୍ କରିଥିଲେ। ଖବର ପାଇ ଚାଇଲ୍ଡଲାଇନ ମୁଖ୍ୟ ପ୍ରଶାନ୍ତ ରାଉତଙ୍କ ନିର୍ଦ୍ଦେଶରେ ସବ୍‌ସେଣ୍ଟର ଟିମ୍ ସଦସ୍ୟ ସ୍ୱପ୍ନାରାଣୀ ଜେନା ଓ ଉତ୍ତମ କୁମାର ନାୟକ ସେଠାକୁ ଯାଇ ନାବଳକଙ୍କୁ ଉଦ୍ଧାର କରିଥିଲେ।

**ପ୍ରଧାନମନ୍ତ୍ରୀ ଫସଲବୀମା ସମ୍ପର୍କିତ କର୍ମଶାଳା**

# ୨୪ ହଜାର ଅଣଚାଷୀଙ୍କୁ ପଞ୍ଜୀକରଣ ଲକ୍ଷ୍ୟ



ବୈଠକରେ ପ୍ରଶାସନିକ ଅଧିକାରୀମାନେ।

**ଭାପୁର, ୩।୭(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ବୁଧବାର ପ୍ରଧାନମନ୍ତ୍ରୀ ଫସଲବୀମା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା, କମନ ସର୍ଭିସ ସେଣ୍ଟର ଜିଲା ସଂଯୋଜକ ରାକେଶ ଦାସ, ରୟାଲ ସୁନ୍ଦରମ୍ ବୀମା କମ୍ପାନୀର ଜିଲା ସଂଯୋଜକ ସୁଜୟ କୁମାର ବେହେରା, ବ୍ଲକ କୃଷି ଅଧିକାରୀ ଓ ଭିଏଲଇମାନେ ଯୋଗ ଦେଇଥିଲେ। ଚଳିତ ଖରିଫ୍ ଚାଷ ପାଇଁ ଅଣଚାଷୀଙ୍କୁ ବୀମାଭୁକ୍ତ କରାଇବା ଦିଗରେ ବ୍ୟାପକ ସଚେତନ ସୃଷ୍ଟି କରିବାକୁ ଅଧିକାରୀମାନେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜୁଲାଇ ୩୧ ସୁଦ୍ଧା ଜିଲାର ୨୪ ହଜାର ଅଣଚାଷୀଙ୍କ ଫସଲ ବୀମାଭୁକ୍ତ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହାକୁ ହାସଲ କରିବାକୁ ଭିଏଲଇଙ୍କୁ ପରମର୍ଶ ଦିଆଯାଇଛି। ବୀମାର ଲାଭ ସମ୍ପର୍କରେ ସୂଚନା ଦେବା, ଫସଲ ବୀମା କ୍ଷତିପୂରଣ ପାଇଁ ରହିଥିବା ନିୟମ, ବୀମା କରିବା ସମୟରେ ହେଉଥିବା ସମସ୍ୟା ଏବଂ ଏହାର ସମାଧାନ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ଲାଗିଲା ୧୦୦ ଚାରା



**ଭୁବନ, ୩।୭(ଡି.ଏନ୍.ଏ.)**

ଭୁବନ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ବୁଧବାର ୭୦ତମ ବନ ମହୋତ୍ସବ ପାଳିତ ହୋଇଛି। ଜେଏମ୍‌ଏଫ୍‌ସି ଚନ୍ଦନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିବା ସହ ଗଛ ଲଗାଇବାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଓକିଲ ସଂଘ ସଭାପତି ବାବୁଲି ସେଠୀ, ସମ୍ପାଦକ ପ୍ରହ୍ଲାଦ ସାହୁ, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ଦାଶ, ଦିବାକର ଦାସ, ଶ୍ରୀକାନ୍ତ ସାହୁ, କେଶବ ଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ଓକିଲ ଏବଂ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ। ଡେପୁଟି ରେଞ୍ଜର ଗୌତମ ପ୍ରଧାନ, ଫରେଷ୍ଟର କବିତା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବଉଳ, ଛତିଆନ, ଅଁଳା, କୃଷ୍ଣଚୂଡ଼ା, ରାଧାଚୂଡ଼ା ଆଦି ପ୍ରଜାତିର ୧୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ବନ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

# ପ୍ରେମିକ ଦୁଆରେ ପ୍ରେମିକାଙ୍କ ଧାରଣା

**ପରଜଙ୍ଗ, ୩।୭(ଡି.ଏନ.ଏ.)**

ପ୍ରେମ କଲେ। ଶାରୀରିକ ସମ୍ପର୍କ ରଖିଲେ। ବିବାହ ପାଇଁ ରାଜି ଥିବା କହି ପ୍ରେମିକାଙ୍କୁ ନେଇଆସିଲେ ଘରକୁ। ହେଲେ ଏଥିରେ କଣ୍ଟା ସାଜିଲେ ଆତ୍ମୀୟ। ପରିବାର ସଦସ୍ୟଙ୍କୁ ସାମ୍ନା କରିବା ପରିବର୍ତ୍ତେ ଘର ଛାଡ଼ି ଚାଲିଗଲେ ପ୍ରେମିକ। ଏପରି ସ୍ଥିତିରେ ବୋହୂର ସ୍ୱୀକୃତି ପାଇଁ ପ୍ରେମିକା ଏବେ ପ୍ରେମିକଙ୍କ ଘର ବାରଣ୍ଡାରେ। ପ୍ରତାରଣାର ଶିକାର ହୋଇଥିବା ସମ୍ପୃକ୍ତା ଯୁବତୀ ୪ଦିନ ହେଲା ଭୋକ ଉପାସରେ ଅଖିଆଅପିଆ ଧାରଣାରେ ବସି ରହିଥିବାବେଳେ ମାମଲା ଏବେ ପହଞ୍ଚିଛି ଥାନାରେ। ଢେଙ୍କାନାଳ ଜିଲା ପରଜଙ୍ଗ ଅଞ୍ଚଳରେ ଘଟିଥିବା ଏପରି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ପୀଡ଼ିତାଙ୍କ କହିବା କଥା, ପରଜଙ୍ଗ ଥାନା ଅଞ୍ଚଳର ବଳିଆ ସିଂ (୨୫)ଙ୍କ ସହ ୬ବର୍ଷ ହେଲା ତାଙ୍କର ପ୍ରେମସମ୍ପର୍କ ରହିଛି। ବିବାହ ପ୍ରଲୋଭନ ଦେଖାଇ ବଳିଆ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଯୁବତୀ ଜଣଙ୍କ ବିବାହ ପାଇଁ ଅଡ଼ି ବସିବାରୁ ଜୁନ୍ ୩୦ ପୂର୍ବାହ୍ନ ୧୦ଟାରେ ବିବାହ କରିବାକୁ ରାଜିଥିବା କହି ସେ ତାଙ୍କୁ ଘରକୁ ନେଇ ଆସିଥିଲେ। ସେତେବେଳେ ଘରେ କେହି ନ ଥିଲେ। ଅପରାହ୍ନରେ ପରିବାର ଲୋକେ ଫେରିବା ପରେ ଏହି ଘଟଣାକୁ ନେଇ ମା'ବାପାଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଏହାପରେ ବଳିଆ ଘରୁ କେଉଁଆଡ଼େ ପଳାଇଛନ୍ତି। ବଳିଆଙ୍କ ପରିବାର ଲୋକେ ତାଙ୍କୁ ମାର୍‌ପିଟ କରିବା ସହ ଘରୁ ବାହାର କରିଦେଇଥିଲେ। ସେହିଦିନଠାରୁ ସେ ବଳିଆଙ୍କ ଘର ବାରଣ୍ଡାରେ ବୋହୂର ସ୍ୱୀକୃତି ଦାବି କରି ବସିରହିଛନ୍ତି। ଏ ନେଇ ପୀଡ଼ିତାଙ୍କ ପରିବାର ସୋମବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ସେମାନଙ୍କୁ ପୋଲିସ ସହଯୋଗ କରି ନ ଥିଲା। ସେମାନେ ମଙ୍ଗଳବାର ପରଜଙ୍ଗ ଥାନାରେ ଅଭିଯୁକ୍ତ ଏବଂ ତାଙ୍କ ପରିବାର ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଯୁବତୀ ଜଣକ କୁହନ୍ତି, ବୋହୂର ଅଧିକାର ନ ମିଳିବା ଯାଏ ଉଠିବେ ନାହିଁ। ଯୁବତୀଙ୍କ ମା'ବାପା କୁହନ୍ତି, ଝିଅକୁ ନ୍ୟାୟ ଦେବାରେ ପୋଲିସ ସହଯୋଗ କରୁନାହିଁ। ଏ ନେଇ ଗୁରୁବାର ଏସ୍‌ପିଙ୍କୁ ଭେଟି ଦୁଃଖ ଜଣାଇବେ।

ଏ ନେଇ ପରଜଙ୍ଗ ଥାନାଧିକାରୀ ଆନନ୍ଦ ଡୁଙ୍ଗ୍‌ଡୁଙ୍ଗ କୁହନ୍ତି, ଘଟଣା ନେଇ ଯୁବତୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଘଟଣାର ଅନୁଧ୍ୟାନ କରାଯାଉଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



**ବୋହୂର ସ୍ୱୀକୃତି ଦେବାକୁ ଦାବି**

- ୪ଦିନ ହେଲା ଭୋକଉପାସରେ ବସିଛନ୍ତି
- ଥାନାରେ ଏତଲା, ଅଭିଯୁକ୍ତ ଫେରାର

